୪ ଜୁନ୍ ୨୦୧୧

# ଯୁବବନ୍ଧୁଙ୍କୁ ପତ୍ରେ

ଆସନ୍ତା ଜୁନ୍ ୫ ତାରିଖଠାରୁ ରାହୁଲ ଗାନ୍ଧୀଙ୍କର ଆହ୍ୱାନକ୍ରମେ ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେଉଛି । ଏହି ଅବସରରେ ଗୋଟିଏ, ଦୁଇଟି କଥା ଯୁବବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ରଖିବା ପାଇଁ ମନକୁ ଆସୁଛି ।

କଂଗ୍ରେସ ଦଳ ନିର୍ବାଚନରେ ହାରିବା ଦୁଇବର୍ଷ ପୂରିଲାଣି । ଗତ ଦୁଇ ବର୍ଷ ଧରି ଗୋଟିଏ ଅଭିଯୋଗ ହୋଇଆସୁଛି ଯେ ଓଡ଼ିଶା ପ୍ରଦେଶ କଂଗ୍ରେସ ବିରୋଧୀଦଳର ଭୂମିକା ନିଭାଇ ପାରୁନାହିଁ । ସବୁ ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀ ମୁହାଁ ହୋଇ କିଏ ନୂଆ ପ୍ରଦେଶ କଂଗ୍ରେସ ସଭାପତି ହେବ ସେ ନିଷ୍ପତ୍ତିକୁ ଅପେକ୍ଷା କରି  ଚୁପ୍ ବସିଛନ୍ତି । କିନ୍ତୁ ଏଇ କେତେଦିନ ହେବ ଯେବେଠାରୁ ରାହୁଲ ଗାନ୍ଧୀଙ୍କର ଯୁବ କଂଗ୍ରେସ ସଭ୍ୟ ସଂଗ୍ରହ କଥା ଘୋଷଣା କରାଯାଇଛି, କଂଗ୍ରେସର ସବୁ ବର୍ଗର ନେତାଙ୍କ ମଧ୍ୟରେ ଉଲ୍ଲେଖନୀୟ ସକ୍ରିୟତା ପରିଲକ୍ଷିତ ହେଉଛି । ହଠାତ୍ ସମସ୍ତେ ଯେପରି ଚଳଚଞ୍ଚଳ ହୋଇ ଉଠିଛନ୍ତି । ଏଥିପାଇଁ ରାହୁଲ ଗାନ୍ଧୀଙ୍କୁ ସର୍ବପ୍ରଥମେ ଅଭିନନ୍ଦନ ଜଣାଇବା କଥା ।

ମୋ ବିଚାରରେ ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ନୂତନ ରକ୍ତ ସଞ୍ଚାର କରି ଓଡ଼ିଶାରେ କଂଗ୍ରେସକୁ ନୂଆକରି ଗଢ଼ିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ । କଂଗ୍ରେସ ଦଳର ପ୍ରତ୍ୟେକ ଶୁଭେଚ୍ଛୁ ଏ ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ । ଏ ଅଭିଯାନ ଯଦି ସଫଳ ହୁଏ, ତା'ହେଲେ ମାସ ଶେଷରେ କଂଗ୍ରେସ ଦଳ ପାଇଁ ତୃଣମୂଳ ସ୍ତରରେ ଲକ୍ଷାଧିକ ସଂଗ୍ରାମୀ ଯୁବକ ମିଳିବେ ।

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଆଗାମୀ ଦିନରେ କଂଗ୍ରେସର ବାର୍ତ୍ତାକୁ  ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାରେ ଏମାନେ ସହାୟକ ହେବେ ।

ତେବେ ଏଥିରେ ଗୋଟିଏ ବିପଦ ମଧ୍ୟ ଅଛି । ଯଦି ଗତାନୁଗତିକ ଧାରାରେ ସଭ୍ୟ ସଂଗ୍ରହ କରାଯାଏ ତା'ହେଲେ ତାର ସୁଫଳ ମିଳିବ ନାହିଁ । ପୂର୍ବରୁ ଯେତେ ସଭ୍ୟ ସଂଗ୍ରହ କରାଯାଇଛି ସେଥିରେ ମୁଷ୍ଟିମେୟ ନେତାଙ୍କର ପଇସାରେ କିଛି ଲୋକଙ୍କର ନାମ ପୂରଣ କରି ସେମାନଙ୍କୁ ସଭ୍ୟ ବୋଲି ଦେଖାଇ ଦିଆଯାଏ । ଅନେକ ସଭ୍ୟ ନିଜେ ସଭ୍ୟ ହୋଇଛନ୍ତି ବୋଲି ମଧ୍ୟ ଜାଣନ୍ତି ନାହିଁ । ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ପୁଣି ଯଦି ସେପରି ହୁଏ, ତା'ହେଲେ ବିପରୀତ ଫଳ ଫଳିବା ହିଁ ସାର ହେବ ।

ଯେଉଁମାନେଓଡ଼ିଶାର ବିଭିନ୍ନ ଅଞ୍ଚଳରେ  ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଆଗେଇ ଆସିଛନ୍ତି, ସେମାନଙ୍କୁ ମୋର ବିନମ୍ର ନିବେଦନ, ସେମାନେ ସମସ୍ତେ ଯୁବ ବନ୍ଧୁମାନଙ୍କୁ ନିଜ ପଇସାରେ ସଭ୍ୟ ହେବା ପାଇଁ ଉତ୍ସାହିତ କରନ୍ତୁ । ଅନ୍ୟ ପଇସାରେ କେହି ସଭ୍ୟ ନ ହୁଅନ୍ତୁ । ଦେଖାଯାଉଛି, ନିଜଆଡ଼ୁ ସଭ୍ୟ ଦେୟ ଦେବା ଅଭ୍ୟାସ ଆସ୍ତେ ଆସ୍ତେ ହଜି ଯାଉଛି ।

ଆସନ୍ତା ଦୁଇବର୍ଷ ପାଇଁ ଯୁବ କଂଗ୍ରେସର ସଭ୍ୟ ହେଲେ ନିଜର ଫଟୋ ସହ ପନ୍ଦର ଟଙ୍କା ସଭ୍ୟଦେୟ ଦେବାକୁ ପଡ଼ିବ । ହିସାବ କରି ଦେଖିଲେ ଦିନକୁ ଦୁଇ ପଇସା ପଡ଼ୁଛି । ଏଇ ଦୁଇ ପଇସା, ଯାହା ଭିକାରି ବି ନେବ ନାହିଁ, ତାହା ବି ଆମେ ଦେବାକୁ ପ୍ରସ୍ତୁତ ନୋହୁଁ । ଆମର ସବୁକିଛି ପାଇଁ ଆମେ ଅନ୍ୟର ପଇସା ଉପରେ ନିର୍ଭର କରୁଛୁ । ଏଣୁ ନିଜେ ଦୁଇ ପଇସା ଦେଇ ସଭ୍ୟ ହୋଇ ନିଜର ଆତ୍ମବିଶ୍ୱାସ ଓ ସ୍ୱାଭିମାନକୁ ଆବିଷ୍କାର କର । ଦଳକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କର ।

ଆଜିର ରାଜନୀତିରେ କଳା ଟଙ୍କାର ପ୍ରଭାବ କଥା ସମସ୍ତେ କହୁଛନ୍ତି । କିନ୍ତୁ ଏହାକୁ କିପରି ବିରୋଧ କରାଯିବ ସେ ବିଷୟରେ କେହି ଚିନ୍ତା କରୁନାହାନ୍ତି । ଗୋଟିଏ ଛୋଟିଆ କୌଶଳକୁ ଆପଣେଇ ପାରିଲେ କଳା ଟଙ୍କାର ପ୍ରଭାବ ନିଶ୍ଚିତ ଭାବରେ ହ୍ରାସ ପାଇବ । ଦିନକୁ ଦୁଇଟି କଣା ପଇସା ଦେଇ ଯୁବ କଂଗ୍ରେସର ସଭ୍ୟ ହୁଅ । ନିଜ ବୁଥ୍‌ରେ ନିଜେ ଦାୟିତ୍ୱ ନିଅ । ଏଇ କଣା ପଇସାଗୁଡ଼ିକ କଳା ଟଙ୍କାକୁ ହରାଇଦେଇ ପାରିବ । ତେବେ କଣା ପଇସାଗୁଡ଼ିକ ଆଜି କେଉଁଆଡ଼େ ହଜିଗଲେଣି ବୋଲି ମନେ ହେଉଛି । ହଜିଯାଇଥିବା ଓ ଅଚଳ ହୋଇ ପଡ଼ିଥିବା ଏହି କଣା ପଇସାଗୁଡ଼ିକୁ ଖୋଜି ବାହାର କରି ପାରିଲେ ଆଗାମୀ ଦିନରେ ପରିବର୍ତ୍ତନ ସମ୍ଭବ ହୋଇପାରିବ । ମୋ ବିଚାରରେ ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ କଣା ପଇସା ଖୋଜିବାର ଏକ ଅଭିଯାନ । ଏଥିପାଇଁ ଆମକୁ ଦରକାର କିଛି ବୁଡ଼ାଳି, ଯିଏ କି ସମୁଦ୍ର ଗର୍ଭରୁ ମଧ୍ୟ କଣା ପଇସା ଖୋଜି ବାହାର କରିପାରିବେ । କିଛି ଖୋଳାଳି- ଯିଏ ମାଟି ତଳେ ଲୁଚିଥିବା କଣା ପଇସାକୁ ଖୋଜି ଆଣି ପାରିବେ । ଏବଂ କିଛି ଖୋଜାଳି- ଯିଏ ଜଙ୍ଗଲରେ ହଜି ଯାଇଥିବା କଣା ପଇସାକୁ ଖୋଜି ବାହାର କରି ପାରିବେ । ଆସନ୍ତୁ, ଜୁନ୍ ମାସରେ ଟିକିଏ ସମୟ ଦେଇ, ଆନ୍ତରିକତାର ସହିତ ଆମ ଅଞ୍ଚଳରୁ କଣା ପଇସା ମାନଙ୍କୁ ଖୋଜିବା । ଏଇ କଣା ପଇସାମାନେ ହିଁ କଳା ଟଙ୍କାର ଉଚିତ ଜବାବ ଦେବେ ।